# ଅରାଜକତା ଓ ସ୍ଥିରତା

**ତା.୨୧.୦୧.୨୦୧୪**

**ଅରୁଣ ଜେଟଲୀ ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତ କିଛି ସପ୍ତାହ ମଧ୍ୟରେ ଦେଶରେ ନୂତନ ନେତାମାନଙ୍କର ଅଭ୍ୟୁଦୟ ହୋଇଛି କହିଲେ ଭୂଲ ହେବନାହିଁ । ହେଲେ କଂଗ୍ରେସର ଶ୍ରୀ ରାହୁଲ ଗାନ୍ଧିଙ୍କ ନେତୃତ୍ୱ ଦିଶାହୀନ ଅଟେ । ତାଙ୍କ ସମ୍ବୋଧନରେ ମଧ୍ୟ ଉତ୍ସାହବିହୀନ ଅଟେ ।

ଭା.ଜ.ପା ର ନରେନ୍ଦ୍ର ମୋଦି ସବୁବେଳେ ଆଶାବାଦୀ ଦେଶକୁ ଚାହିଁଥାଆନ୍ତି । ତାଙ୍କ ଅଭିଭାଷଣ ଖୁବ ଉତ୍ସାହପୂର୍ଣ୍ଣ ହୋଇଥିବା ସହ ସେ ଦେଶକୁ ଏକ ଦୃଢ଼ ତଥା ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଗଢ଼ିବାରେ ବିଶ୍ୱାସ ରଖନ୍ତି । ଦେଶର କୃଷି, ସ୍ୱାସ୍ଥ୍ୟ ନେଇ ମଧ୍ୟ ତାଙ୍କର ବିଚାର ଖୁବ ଉତ୍ତମ । ସେ ସମଗ୍ର ଦେଶକୁ ଏକ ବିକାଶଶୀଳ ଦେଶ ଭାବରେ ପରିଣତ କରାଇବାର ସ୍ୱପ୍ନ ଦେଖନ୍ତି । ଦେଶର ଜାତୀୟ ସଡ଼କ ପଥକୁ ପ୍ରଶସ୍ତ କରିବା ଏବଂ ସହରାଞ୍ଚଳକୁ ଉନ୍ନତ କରିବା ମାଧ୍ୟମରେ ସେ ଦେଶର ରୂପରେଖାକୁ ବଦଳାଇବାକୁ ଚାହାନ୍ତି । ପ୍ରଥମେ ସେ ଦରିଦ୍ର ଓ ଦୁଃଖୀଙ୍କ ଉନ୍ନତି ମାଧ୍ୟମରେ ଦେଶର ପ୍ରଗତୀ କରିବାକୁ ପସନ୍ଦ କରନ୍ତି ।

ଅପର ପକ୍ଷରେ ଆମ ଆଦମୀ ପାର୍ଟି ଯଦିଓ ବିଭିନ୍ନ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଅଛି ତଥାପି ସେମାନେ ବାସ୍ତବତାଠାରୁ ବହୁତ ଉର୍ଦ୍ଧ୍ୱରେ ରହି ସ୍ୱପ୍ନ ଦେଖନ୍ତି । ତାଙ୍କ ଦଳ ମଧ୍ୟରେ ହିଁ ବିଶୃଙ୍ଖଳତା ପରିପୂର୍ଣ୍ଣ । ଲୋକପାଳ ଆନ୍ଦୋଳନ ସମୟରେ ସେମାନେ କହିଥିଲେ କି, ସି.ବି.ଆଇ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ରହିବନାହିଁ । ସେହି ଏକା ନେତାମାନେ ବର୍ତ୍ତମାନ କହୁଛନ୍ତି କି, ରାଜ୍ୟ ପୋଲିସମାନେ ଦିଲ୍ଲୀ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ରହିବେ । ସେମାନେ କେତେକ କ୍ଷେତ୍ରରେ ଆଇନର ଉପେକ୍ଷା କରି ମଧ୍ୟ କାର୍ଯ୍ୟ କରିଛନ୍ତି । ସେମାନଙ୍କର ଔଦ୍ଧତ୍ୟ ଏବଂ ରାଜନୀତିରେ ଦୂରଦୃଷ୍ଟିର ଅଭାବ ହିଁ ତାଙ୍କୁ ତଳକୁ ଖସାଇବାରେ ସହାୟତା କରୁଅଛି । ଆଜି ଯେଉଁ ପାର୍ଟି ନିଜକୁ ଏକ ରାଷ୍ଟ୍ରୀୟ ପାର୍ଟି ଭାବରେ ଗଢ଼ିବାକୁ ଚାହେଁ ସେ ଦେଶର ରାଷ୍ଟ୍ରୀୟ ଦିବସ ଗଣତନ୍ତ୍ର ଦିବସକୁ ମଧ୍ୟ ପାଳନରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚାହେଁ । ଏହାର କିଛି ସଦସ୍ୟ ଜାମ୍ମୁ ଓ କାଶ୍ମୀରର ବିଚ୍ଛିନ୍ନତାବାଦୀ ଓ ଛତିଶଗଡ଼ର ମାଓବାଦୀଙ୍କୁ ସମର୍ଥନ ମଧ୍ୟ କରନ୍ତି । ତେଣୁ ମୁଁ କହିବାକୁ ଚାହୁଁଛି କି, ବିଶୃଙ୍ଖଳିତ ଜନତା

ବା ଆତ୍ମକୈନ୍ଦ୍ରିକ ଜନତା କେବେ ମଧ୍ୟ ଏକତ୍ରିତ ହୋଇ ରହିନପାରନ୍ତି ଏବଂ ତାହା କେବେ ମଧ୍ୟ ଏକ ବିକଳ୍ପ ରାଜନୀତି ହୋଇ ନପାରେ ।